# ପିଲାଙ୍କ ଧରିତ୍ରୀ

ଶନିବାର ,୧୧ ନଭେମ୍ବର ୨୦୨୩




## ଖିଲି ଖିଲି ହସ

–ଏକ କମ୍ପାନୀର ମ୍ୟାନେଜର ଅତି ନମ୍ର ସ୍ୱରରେ ତାଙ୍କର ଜଣେ କର୍ମଚାରୀକୁ କହିଲେ– କ୍ଷମା କରିବ ଚନ୍ଦନ,ଶୋଇବା ସମୟରେ ମୁଁ ତୁମକୁ ଜମା ବି ଉଠାଇ ନ ଥାନ୍ତି, ଯଦି ଏ କଥାଟା ଏତେ ଗୁରୁତର ହୋଇ ନ ଥାନ୍ତା। ତୁମକୁ ଆଜିଠାରୁ ଚାକିରିରୁ ବରଖାସ୍ତ କରାଗଲା।

ଡାକ୍ତର: ଆରେ ବଣ୍ଟି କ'ଣ ହେଲା।
ବଣ୍ଟି–ଆଜ୍ଞା, ମୋତେ କୁକୁର କାମୁଡ଼ିଦେଲା।
ଡାକ୍ତର: ବାହାରେ ବୋର୍ଡରେ ଲେଖା ହୋଇଛି, ରୋଗୀ ଦେଖିବାର ସମୟ କେବଳ ସକାଳ ୮–୧୦ ପର୍ଯ୍ୟନ୍ତ। ହେଲେ ତୁମେ ଆସିଛ ୧ଟା ବେଳେ।
ବଣ୍ଟି: ସାର୍,ମୁଁ ବୋର୍ଡ ପଢ଼ିଛି, ଜାଣିଛି ହେଲେ ସେ କୁକୁରଟା ପଢ଼ା ଜାଣିନି ?

ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ ପିଲାଙ୍କୁ ପଚାରିଲେ–ସ୍ୱରବର୍ଣ୍ଣ ଏବଂ ବ୍ୟଞ୍ଜନ ବର୍ଣ୍ଣ ମଧ୍ୟରେ ତାତ୍ପର୍ଯ୍ୟ କ'ଣ କୁହ ?
କ୍ଲାସ ମଧ୍ୟରୁ ଜଣେ ପିଲା ଠିଆ ହୋଇ କହିଲା– ସ୍ୱରବର୍ଣ୍ଣ କହିଲେ ପାଟିରୁ ବାହାରେ ଓ ବ୍ୟଞ୍ଜନ କହିଲେ ପାଟି ଭିତରେ ରହିଯାଏ।

## ସ୍ୱାଭିମାନ



ଗପ

ସୁମି ନିଜ ସ୍ୱାମୀଙ୍କ ସହିତ ଦୀପାବଳିର ଶପିଂ କରିବା ପାଇଁ ବଜାରକୁ ଆସିଥିଲା । ଚାରିଆଡ଼େ ପସରା ମେଲିଥିଲା ଦୀପ, ତେଲ ଆଉ ବାଣର। ଠିକ୍ ସେତିକିବେଳେ ଛୋଟ ଝିଅର ସ୍ୱର ଶୁଭିଲା, 'ନେଇ ଯାଅ, ନେଇଯାଅ..କୋଡ଼ିଏ ଟଙ୍କାରେ ଦଶଟା ଦୀପ।' ସୁମିର ସ୍ୱାମୀ ଲିଟୁଙ୍କର ଭାରୀ ଦୟା ହେଲା ସେହି କୁନିଝିଅଟା ଉପରେ। କେତେ ଅବା ବୟସ ହେବ ତା'ର ? ଏଇ ଦଶ କି ଏଗାର ବର୍ଷ ହେବ। ସେ ସୁମିର ହାତକୁ ଟାଣି ନେଇଗଲେ ସେହି ଝିଅ ପାଖକୁ। ଆଉ ତାଠୁ ଦୀପ କିଣିବାକୁ କହିଲେ ।
ସୁମି ସେହିଝିଅକୁ କହିଲା, କୋଡ଼ିଏ ଟଙ୍କାରେ ପନ୍ଦରଟା ଦୀପ ଦେବୁ। 'ହେବନି ମ୍ୟାଡାମ୍' ! କହିଲା ଝିଅଟା ।

ହେଲେ ଲିଟୁ କହିବାରୁ ସୁମି ଶହେଟଙ୍କା ଧରେଇ ଦେଇ ପଚାଶଟା ଦୀପ କିଣି ନେଲା । ସେ ଦୁଇ ପାହୁଣ୍ଡ ଆଗକୁ ଗଲା ପରେ ପଛରୁ ପୁଣି ଥରେ ସେହିଝିଅର ଡାକ ଶୁଭିଲା,'ମ୍ୟାଡାମ୍! ଟିକିଏ ରୁହନ୍ତୁ।' ତା'ଡାକଶୁଣି ସୁମି ଚିଡ଼ିଯାଇ କହିଲା, କ'ଣ ହେଲା ଏବେ ? ମୁଁ ତ ପୂରା ଟଙ୍କା ଦେଇଛି।

ହଁ, ମ୍ୟାଡାମ୍! ଆପଣ ପୂରାଟଙ୍କା ଦେଇ ଦେଇଛନ୍ତି। ହେଲେ ପକେଟ୍‌ରୁ ଟଙ୍କା କାଢ଼ିବା ସମୟରେ ସାର୍‌ଙ୍କ ମୋବାଇଲ୍‌ଟା ଏଇଠି ଖସି ପଡ଼ିଥିଲା। ତାକୁ ଫେରେଇବା ପାଇଁ ଆସିଛି। ବହୁତ ନିରୀହ ହୋଇ କହିଲା ଝିଅଟା।

ଏତେ ଛୋଟଝିଆର ସଚ୍ଚୋଟତା ଦେଖି ସ୍ତବ୍ଧ ହୋଇଗଲେ ସୁମି ଆଉ ଲିଟୁ। ତା'ର ଚିରାଫଟା ଲୁଗା ବଖାଣୁଥିଲା ତା'ର ଅଭାବୀ ଜୀବନକୁ। ତଥାପି ସେ ଅଭାବର କୁଠାରାଘାତ ଭିତରେ ମଧ୍ୟ ସଚ୍ଚୋଟତାକୁ ବଞ୍ଚେଇ ରଖିଛି। ତା'ର ସଚ୍ଚୋଟତାରେ ଖୁସି ହୋଇ ସୁମି ତାକୁ ଆଉ ଶହେଟଙ୍କା ଦେଇ କହିଲା,'ଏଇ ନିଅ..ମିଠା କିଣି ଖାଇବ।'

ନା..ନା..ମ୍ୟାଡାମ୍! ଏହାର କିଛି ଆବଶ୍ୟକତା ନାହିଁ । ମୁଁ ନିଜେ ରୋଜଗାର କରି ଖାଉଛି। ଆଉ ମୋ ପରିବାରର ପେଟ ମଧ ପୋଷୁଛି। ଆପଣ ଏ ଟଙ୍କା ରଖନ୍ତୁ କହି ସେ ଚାଲିଗଲା। ଏତେ କମ୍ ବୟସ ଝିଅଟିର ସ୍ୱାଭିମାନକୁ ଦେଖି ଚକିତ ହୋଇଗଲେ ସୁମି ଆଉ ଲିଟୁ।

**– ମନୋଜ କୁମାର ବେହେରା**
ବାୟାବାବାମଠ ଲେନ୍, ୟୁନିଟ୍–୯,ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

## ବାଣର ହସ



ଗୋଟେ ସୁତୁଲିବମ୍ ନେଇ ଫୁଟାଇଲା ଗେଲି। ହଠାତ୍ କାନ ଫାଟିଗଲା ପରି ଲାଗିଲା। ଏହାକୁ ଦେଖି ଫୁଲଝରି ଓ ଚକ୍ରି ବାଣ କହିଲେ ହେ ଭାଇ! ଧୀରେ ଶବ୍ଦ କର। ଆମକୁ କାଲା କରିଦେବକି ? ଏହାପରେ ସୁତୁଲିବମ୍ କହିଲା କାହିଁକି! ମୋର ଶବ୍ଦ କ'ଣ ଭଲ ଲାଗୁ ନାହିଁ?

ଏହା ଶୁଣି ଚକ୍ରି କହିଲା, ତୁମେ ଠିକ୍ କହୁଛ। ତୁମ ପାଇଁ କିନ୍ତୁ ସମସ୍ତେ ପାଗଳ। ଯିଏ ଦେଖୁଛି ସେ ତୁମର ମଜା ନେବା କଥା କହୁଛନ୍ତି। ଏହା ଶୁଣି ସୁତୁଲିବମ୍ ଗର୍ବରେ ଫୁଲି ଉଠିଲା। ଝୁରୁଝୁରି ବାଣ ନିରାଶ ହୋଇ କହିଲା– ଆମକୁ କିଣିବାକୁ କେହି ପସନ୍ଦ କରୁ ନାହାନ୍ତି। ଏହା ଶୁଣି ସୁତୁଲିବମ୍ ଅହଂକାରରେ କହିଲା – ସମସ୍ତେ ମୋର ଶବ୍ଦକୁ ଭଲ ପାଆନ୍ତି। ତୁମର ତ ଶବ୍ଦ ନାହିଁ ତେଣୁ କିଏ ତମକୁ ଭଲ ପାଇବ ? ଠିକ୍ ସେତିକିବେଳେ ବଡ ବମ୍ ଆସି ଜୋରରେ ଶବ୍ଦ କଲା। ସୁତୁଲିବମ୍, ବଡ ବମ୍ ଆଡ଼କୁ ଚାହିଁଲା। ଗେଲି ତାକୁ ତଳେ ରଖି ନିଆଁ ଲଗାଇଲା। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ କିଛି ହେଲାନାହିଁ। ଟିକେ ଜଳି ଲିଭିଗଲା। ସେ ପାଖକୁ ଗଲା ଦେଖିବା ପାଇଁ। ହଠାତ୍ ତାହା ଗେଲି ହାତରେ ଫୁଟିଲା। ସେ ଚିତ୍କାର କଲା। ମରିଗଲି... ମରିଗଲି...! ଭଉଣୀ ଶ୍ରେୟା ଓ ତାଙ୍କ ମା' ଗେଲି ପାଖକୁ ଦୌଡ଼ିଲେ। ତା'ର ହାତ ପୋଡ଼ି ଯାଇଥିଲା। ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପାଖକୁ ନେଲେ। ଡାକ୍ତର ତା'ର କ୍ଷତକୁ ସଫା କରି ଔଷଧ ଓ ଇଞ୍ଜେକସନ୍ ଦେଲେ। ଗେଲି ଆଉ ସୁତୁଲିବମ୍ ଫୁଟାଇବାକୁ ସକ୍ଷମ ନ ଥିଲା। କହିଲା, ଏଇଟା ବଡ ବିପଜ୍ଜନକ ବାଣ। ତା'ପରେ ତା' ମାଆ କହିଲେ ସେ ବାଣଗୁଡିକୁ ରଖିଦିଅ। ଏହା ଦ୍ୱାରା ବାୟୁ ପ୍ରଦୂଷଣ ହୋଇଥାଏ। ମା' କହିବା ପରେ ଶ୍ରେୟା ପଚାରିଲା– ମାଆ! ବାଣ କ'ଣ ପ୍ରଦୂଷଣ ସୃଷ୍ଟି କରେ! ହଁ... ମା' କହିଲେ, ଏହା ଦୁଇ ପ୍ରକାର ପ୍ରଦୂଷଣ ସୃଷ୍ଟି କରେ।

ପ୍ରଥମତଃ ଜୋରରେ ଶବ୍ଦ କରିବା ଦ୍ୱାରା ଶବ୍ଦ ପ୍ରଦୂଷଣ ହୁଏ। ପ୍ରଚଣ୍ଡ ଶବ୍ଦ ଯୋଗୁ ଲୋକ ବଧିର ହେବାର ଆଶଙ୍କା ଥାଏ। ଦ୍ୱିତୀୟରେ ଏହାଦ୍ୱାରା ବାୟୁ ପ୍ରଦୂଷିତ ହୁଏ। ଏହି ଧୂଆଁ ଦ୍ୱାରା ଅନେକ ରୋଗ ବ୍ୟାପିଥାଏ। ତେଣୁ ବାଣ କୌଣସି ଦୃଷ୍ଟିରୁ ପରିବେଶ ପାଇଁ ଭଲ ନୁହେଁ। ଶ୍ରେୟା କହିଲା, ତୁମେ ଠିକ୍ କହୁଛ, ମାଆ – ମୁଁ ଆଉ ଗେଲି ଏହି ବାଣଗୁଡ଼ିକ ଆଦୌ ବ୍ୟବହାର କରିବୁ ନାହିଁ। ଏହାପରେ ସେମାନେ ଝୁରୁଝୁରି ଓ ଚକ୍ରି ବାଣ ଧରି ଜଳାଇଲେ।

ଦୂରରେଥିବାବମ୍‌ଟିରଗର୍ବଭାଙ୍ଗିଯାଇଥିଲା। ସମସ୍ତେ ଚକ୍ରି ଓ ଫୁଲଝରି ଜଳାଉଥିଲେ।

**– ଲଳିତ ମୋହନ ମିଶ୍ର**, ନୟାଗଡ଼
ମୋ: ୯୪୩୭୯୮୫୮୬୬

## ମତାମତ

▶▶ ଗତ ସପ୍ତାହରେ 'ଜଣା ଅଜଣା' ପୃଷ୍ଠାରେ ପ୍ରକାଶିତ 'ଧୋକା ଦେଉଥିବା ପ୍ରତିବିମ୍ବ' ବିଷୟଟି ପଢ଼ି ସେ ବିଷୟରେ କିଛି ନୂଆ କଥା ଜାଣିହେଲା।
**– ରଞ୍ଜନ ମହାପାତ୍ର, ବୁଢ଼ାରଜା, ସମ୍ବଲପୁର**

▶▶ 'କବିତା' ସ୍ତମ୍ଭରେ ପ୍ରକାଶିତ 'ଗଛ ପରା ଅଟେ, ଅରଜିବା କୋଟି ପୁଣ୍ୟ ଆଦି କବିତାଗୁଡିକ ବେଶ୍ ମନଛୁଆଁ ହୋଇପାରିଛି।
**– ପ୍ରକୃତି ସାହୁ, ନୟାଗଡ଼**

▶▶ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ହେଉଛି। **– ମାନସ ମହାନ୍ତି, ନିମାପଡା, ପୁରୀ**

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ଆଲୋକର ପର୍ବ

**କାହାପାଇଁ ଆଲୋକର ଉତ୍ସବ ତ ଆଉ କାହାପାଇଁ ସୁଖ ସୌଭାଗ୍ୟକୁ ନିମନ୍ତ୍ରଣ କରିବାର ଦିନଟିଏ। ହେଲେ ପିଲାଙ୍କ ପାଇଁ ଏହା ଖୁସି ମଜାର ଏକ ସୁନ୍ଦର ଅବସର। ଚାରିଆଡ଼େ ଆଲୋକସଜ୍ଜା, ବାଣଫୁଟା ଆଉ ମିଠା ଖାଇବାର ଆନନ୍ଦ। ତେବେ ଏଥରର ଦୀପାବଳିକୁ କିପରି ପାଳନ କରିବେ ସେ ନେଇ କେତେକ ପିଲାଙ୍କ ମତାମତର ଉପସ୍ଥାପନା।**

ଦୀପାବଳିର ରହିଛି ସ୍ୱତନ୍ତ୍ର ମହତ୍ତ୍ୱ । ଦେଶର ବିଭିନ୍ନ ରାଜ୍ୟରେ ଏହାକୁ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରାଯାଏ। ପୂଜାର୍ଚ୍ଚନା ସାଙ୍ଗକୁ କିଣାବିକା ପିଠାପଣାରେ ଘର ଉତ୍ସବମୁଖର ହୋଇଥାଏ। କହିବାକୁ ଗଲେ ଚାରିଆଡ ଆଲୋକିତ ହେବା ଭଳି ଏହି ପର୍ବରେ ଘରେ ଘରେ ଖୁସିର ଲହରୀ ଖେଳିଯାଏ। ପିଲାଠୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଏହିଖୁସିରେ ସାମିଲ ହୋଇ ବେଶ୍ ଉପଭୋଗ କରିଥାନ୍ତି। ତେବେ ପିଲାମାନେ ବି ଏହି ପର୍ବକୁ ନିଜ ଢଙ୍ଗରେ ପାଳିବା ପାଇଁ ପ୍ଲାନିଂ କରିଛନ୍ତି।

## ବହୁତ ମଜା କରିବି



ଦୀପାବଳି ଦିନ ମତେ ବାଣ ଫୁଟାଇବାକୁ ବହୁତ ଭଲ ଲାଗେ। ମୋ ପାଇଁ ଦିଆସିଲି, ଝୁରୁଝୁରି, ରସୁଣ ବାଣ ସବୁ ବାବା ଆଣିଥାନ୍ତି। ସବୁ ବର୍ଷ ମାମୁ ବି ମୋ ପାଇଁ ଏସବୁ ବାଣ ଆଣି ଆସନ୍ତି। ତେବେ ଦୀପାବଳି ଦିନର ଢେର୍ ଆଗରୁ ମୋର ବାଣ ଫୁଟାଇବା ଆରମ୍ଭ ହୋଇଯାଏ। ଆଉ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ବାଣ ଫୁଟା ହୁଏ। ତା' ଛଡା ଦୀପାବଳି ପାଇଁ ବହୁତ ସୁନ୍ଦର ମିଠା ଓ ଚକୋଲେଟ୍ ସବୁ ଆମ ଘରକୁ ଆସେ। ସବୁ ବର୍ଷ ଭଳି ଏବର୍ଷ ବି ବହୁତ ମଜା କରିବି।

**–ରୋଜାଲିନ୍ ନାୟକ,** କ୍ଲାସ–୪, ଶ୍ରୀ ଅରବିନ୍ଦ ଇନଷ୍ଟିଚ୍ୟୁଟ୍ ଅଫ୍ ହାୟର ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ, ମାତୃଭବନ, କଟକ

## କ୍ୟାଣ୍ଡେଲ ସଜେଇବି



ଦୀପାବଳି ମୋ ପାଇଁ ଦିନିକିଆ ପର୍ବ ନୁହେଁ, ମତେ ସବୁଦିନ ଦୀପାବଳି ଭଳି ଲାଗେ। କାହିଁକି ନା ଦୀପାବଳି ପରଠାରୁ ସବୁ ଦିନ ଆମ ଘର ଲିଚୁରେ ସଜ୍ଜା ହୋଇ ରହିଥାଏ। ସନ୍ଧ୍ୟାବେଳେ ମାମାଙ୍କ ସହ ମିଶି ଘରେ ଦୀପ ଆଉ କ୍ୟାଣ୍ଡେଲ ଲଗେଇ ସଜେଇବି। ଏବର୍ଷ ମୋ ପାଇଁ ବହୁତ ବାଣ ଆସିଛି, ଯାହାକୁ ମୁଁ ଏବେ ଠାରୁ ଫୁଟାଇବା ଆରମ୍ଭ କରି ଦେଇଛି। କାର୍ତ୍ତିକ ପୂର୍ଣ୍ଣିମାରେ ବାଣ ଫୁଟାଇବା ପାଇଁ ମାମା ବି ବହୁତ ବାଣ ଘରେ ରଖି ଦେଇଛନ୍ତି। ଆଉ ଏଥର ଆମ ଘରକୁ ମାଉସୀ ଓ ତା ଝିଅ ବି ଆସିବେ ବୋଲି କହିଛନ୍ତି। ସମସ୍ତେ ଏକାଠି ହେଲେ ବହୁତ ଭଲ ଲାଗିବ।

**–ଶ୍ରେୟାଂଶୀ ମହାନ୍ତି,** କ୍ଲାସ– ୫, କ୍ରୀଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲ, ପ୍ରତାପନଗରୀ, କଟକ

## ଏଥର ବାଣ ଫୁଟାଇବି ନାହିଁ



ପୁରାଣ ଅନୁସାରେ ଦୀପାବଳି ଦିନ ପ୍ରଭୁ ରାମଚନ୍ଦ୍ର ବନବାସ ସାରି ଅଯୋଧ୍ୟା ଫେରିଥିଲେ। ସେଥିପାଇଁ ସମସ୍ତେ ନିଜ ନିଜ ଘରେ ଦୀପ ଜାଳି ବାଣ ଫୁଟାଇ ବିଭିନ୍ନ ପ୍ରକାରର ପିଠାପଣା ତିଆରି କରି ଖୁସି ମନାଇଥିଲେ। ଏହି ସ୍ମୃତିକୁ ମନେ ରଖିବା ପାଇଁ ଆମେ ସମସ୍ତେ ଦୀପାବଳିର ଗୋଟିଏ ଦିନ ଆଗରୁ ଆମ ଘରକୁ ସୁନ୍ଦରଭାବେ ସଜାଇ ଥାଉ। ମାମା ସୁନ୍ଦରଭାବେ ରଙ୍ଗୋଲୀ ତିଆରି କରି ସବୁଆଡ଼େ ଦୀପ ଲଗାନ୍ତି। ଦୀପାବଳିରେ ସବୁବର୍ଷ ମୁଁ ବାଣ ଫୁଟାଏ। ହେଲେ ଏହା ଦ୍ୱାରା ପରିବେଶ ପ୍ରଦୂଷଣ ହେଉଥିବାରୁ ଏଥର କିଛି ବି ବାଣ ଫୁଟାଇବିନି। ବଡ଼ବଡୁଆ ଡକା ପାଇଁ ଦାଦା ଓ ମୋର ଅନ୍ୟ ଭାଇମାନେ ଆସିବେ। ମତେ କାଉଁରିଆ କାଠି ଧରିବା ପାଇଁ ଭଲ ଲାଗେ। ସମସ୍ତଙ୍କ ସହ ମିଶି ବଡବଡୁଆ ଡାକିବି ଓ ରାତିରେ ଏକାଠି ଖାଇବୁ।

**–ଆର୍ଯ୍ୟନ୍ ମହାନ୍ତି,** କ୍ଲାସ–୭, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର

## ଏବର୍ଷ ଗାଁରେ ପାଳିବୁ



ଦୀପାବଳିରେ ଏବର୍ଷ ଆମେ ଗାଁକୁ ଯିବୁ। ସେଠି ଦାଦା, ଖୁଡ଼ୀ ଓ ସବୁ ଭାଇ ଭଉଣୀ ଏକାଠି ମିଶି ଦୀପାବଳି ପାଳନ କରିବୁ। ଦିନରେ ଘରେ ମାମା ପୂଜା କରନ୍ତି ଆଉ ପିଠା ବି ତିଆରି ହୋଇ ବଣ୍ଟାହୁଏ। ଦିନ ସାରା ସମସ୍ତଙ୍କ ସାଙ୍ଗରେ କେମିତି ସମୟ କଟିଯାଏ ଜଣାପଡେନି। ଆଉ ସନ୍ଧ୍ୟାହେବା ମାତ୍ରେ ମଜା ତ ବଢିଯାଏ। ଘରେ ସବୁ ଆଡ଼ ଏତେ ସୁନ୍ଦରଭାବେ ଲାଇଟ୍‌ରେ ସଜା ହୋଇଯାଏ ଯେ ବହୁତ ସୁନ୍ଦର ଦେଖାଯାଏ। ଗାଁରେ ସମସ୍ତଙ୍କ ଘର ବି ସଜା ହୋଇଥାଏ। ତା'ପରେ ଚାରିଆଡେ ବାଣ ଫୁଟେ। ଢେର୍ ରାତି ଯାଏ ସବୁଆଡେ ବିଭିନ୍ନ ପ୍ରକାରର ବାଣ ଫୁଟୁଥାଏ, ମୋ ପାଇଁ ବି ବହୁତ ବାଣ ଆସିଛି। ବାଣ ଫୁଟାଇ ସମସ୍ତଙ୍କ ସହ ଏକାଠି ମଜା କରିବି ଆଉ ତା ପରଦିନ ସକାଳୁ ଭୁବନେଶ୍ୱର ଫେରିଆସିବି।

**–ପିୟାଲି ପ୍ରିୟଦର୍ଶିନୀ,** କ୍ଲାସ– ୬, ଡି.ଏନ୍. ୱିଜ୍‌ଡମ୍ ଗ୍ଲୋବାଲ ସ୍କୁଲ, ଭୁବନେଶ୍ୱର

## ମେଳଣରେ ମଜା ହୁଏ




ସବୁବର୍ଷ ଦୀପାବଳି ଦିନ ଆମ ଗାଁରେ ଡ୍ରାମା ହୁଏ। ସେଦିନ ଗାଁ ମୁଣ୍ଡରେ ମେଳଣ ବି ହୁଏ। କେତେ ଜିନିଷ କିଣାବିକା ହୁଏ। ସବୁ ବର୍ଷ ଦାଦାଙ୍କ ସହିତ ଆମେ ବୁଲିବାକୁ ଯାଉ। ଏଥର ମେଳଣରୁ ବହୁତ ଜିନିଷ କିଣିବି ବୋଲି ଦାଦାଙ୍କୁ କହିଛି। ଦୀପାବଳି ପାଇଁ ବାବା ଆମ ସମସ୍ତଙ୍କର ନୂଆ ଡ୍ରେସ ଆଣିଛନ୍ତି। ପିଇସା ଓ ଅପା ବି ଘରକୁ ଆସିଛନ୍ତି। ସେଥିପାଇଁ ଘର ବହୁତ ଭଲ ଲାଗୁଛି। ଦୀପାବଳି ପରେ ଛୁଟିଦିନ ଦେଖି ସମସ୍ତେ ମିଶି ଆମେ ନନ୍ଦନକାନନ ଓ ପୁରୀ ବୁଲିବାକୁ ଯିବୁ।

**–ସାଇ ଶାଶ୍ୱତ ବେହେରା,** କ୍ଲାସ– ୫, ନିୟୁ ଇଣ୍ଡିଆ ପବ୍ଲିକ ସ୍କୁଲ, କଟକ





୧



୨

୨



୭


୩


୪


୫


୬



୮

୧


**ଆଦ୍ୟା ତ୍ରିପାଠୀ**
କ୍ଲାସ- ୨,
ସେଣ୍ଟ ଯୋଶେଫ
ହାଇସ୍କୁଲ,
ୟୁନିଟ-୯, ଭୁବନେଶ୍ୱର

୨

**ସୁମଗ୍ନା ଦାସ**
କ୍ଲାସ-୨,
କ୍ରୀଷ୍ଣମୂର୍ତ୍ତି
ୱାର୍ଲଡ ସ୍କୁଲ,
ପ୍ରତାପନଗରୀ, କଟକ


୩


**ସାଇ ଅରୋସ୍ମିତ୍ ବିଶ୍ୱାଳ**
କ୍ଲାସ-୬, ଆର୍ଯ୍ୟଭଟ
ଆନ୍ସିଏଣ୍ଟ
ଆକାଡେମୀ, ଖୋର୍ଦ୍ଧା

୪

**ସମୀକ୍ଷା ମହାନ୍ତି**
କ୍ଲାସ- ୭,
ଓଡିଶା ଆଦର୍ଶ
ବିଦ୍ୟାଳୟ, ଷଣ୍ଢପୁର,
ଜଟଣୀ


୫


**ଉପମିତା ଦାସ**
କ୍ଲାସ- ୨, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ଛତ୍ରପଡା,
ଯାଜପୁର

୬

**ପୂର୍ଣ୍ଣାଂଶ୍ ଦାସ**
କ୍ଲାସ-୩,
ଏଲ ଆର ଡିଏଭି ପବ୍ଲିକ
ସ୍କୁଲ,
କଟକ


୭


**ଦୀକ୍ଷା ଦେବାଂଶୀ ବରାଳ**
କ୍ଲାସ- ୫, କେନ୍ଦ୍ରୀୟ
ବିଦ୍ୟାଳୟ ନଂ-୧,
ଭୁବନେଶ୍ୱର

୮

**ଅଭିଜିତ୍ ପଣ୍ଡା**
କ୍ଲାସ- ୬, ମଦର୍ସ
ପବ୍ଲିକ
ସ୍କୁଲ,
ଭୁବନେଶ୍ୱର


## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ମୁଣ୍ଡରେ ୩୧୯ ଗ୍ଲାସ

କାଚ ଗ୍ଲାସ୍‌କୁ ମୁଣ୍ଡ ଉପରେ ରଖିବା ପାଇଁ କେବେ ପ୍ରୟାସ କରିଛନ୍ତି! ଯଦି ବି ଏଭଳି ଏକ ପ୍ରୟାସ କରିଥିବେ ତା'ହେଲେ କେହି କେବେ ୩୦୦ରୁ ଅଧିକ ଗ୍ଲାସ୍ ରଖିବା କଥା ଚିନ୍ତା କରି ନ ଥିବେ! ଏଭଳି ଏକ କଥା ବୋଧହୁଏ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ। କିନ୍ତୁ ଏହି ଆଶ୍ଚର୍ଯ୍ୟଜନକ କାମ କରି ରେକର୍ଡ କରିଛନ୍ତି ସାଇପ୍ରସ୍‌ର ଆରିଷ୍ଟୋଟେଲିସ୍ ଭାଲାଓରିଟିସ୍। ସେ ତାଙ୍କ ମୁଣ୍ଡରେ ୩୧୯ଟି ଗ୍ଲାସ୍‌କୁ ରଖି ପାରିଛନ୍ତି। ଏତେଗୁଡ଼ିଏ କାଚଗ୍ଲାସ୍ ମୁଣ୍ଡରେ ଧରିହେବ ବୋଲି ଏକଥା ଲୋକଙ୍କୁ ଜଣାଇବା ପାଇଁ ସେ ତାଙ୍କର ଏଭଳି ସନ୍ତୁଳନର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ପୋଷ୍ଟ କରି ଜଣାଇଥିଲେ।

ଭାଲାଓରିଟିସ୍ ଗ୍ଲାସ୍‌ଗଡ଼ିକୁ ବେଶ୍ ସୁନ୍ଦରଭାବରେ ମୁଣ୍ଡରେ ଧରି ସନ୍ତୁଳନ କରି ରେକର୍ଡ କରିବା ପାଇଁ କିଛି ସମୟ ରହିଥିଲେ। ଏହାପରେ ଖୁସିରେ ସେ କିଛି ସମୟ ଗ୍ଲାସ୍‌କୁ ମୁଣ୍ଡରେ ରଖି ହାଲ୍‌କା ଭାବେ ନାଚ ବି କରିଥିଲେ। ମଜାକଥା ହେଉଛି ରେକର୍ଡ କରିସାରିଥିବା ଜାଣିବା ପରେ ସେ ନାଚି ନାଚି ଗ୍ଲାସ୍‌ଗୁଡ଼ିକୁ ତଳକୁ ଏକ ସମୟରେ ଫିଙ୍ଗି ଦେଇଥିଲେ। ତେବେ ମୁଣ୍ଡରେ ଏଭଳି ଗ୍ଲାସ୍ ରଖିବା ତାଙ୍କ ପାଇଁ ନୂଆ କଥା ନୁହେଁ। ଅନେକ ଦିନ ତଳୁ ସେ ଏଥିପାଇଁ ଅଭ୍ୟାସ କରୁଥିଲେ। ଏମିତି କି ପୂର୍ବରୁ ମୁଣ୍ଡରେ ୪୯ଟି ଗ୍ଲାସ୍‌କୁ ରଖି ନାଚ କରି ସେ ରେକର୍ଡ ବି କରିଥିଲେ। ଏବେ ନିଜ ରେକର୍ଡକୁ ସେ ଭାଙ୍ଗି ଏତେ ସଂଖ୍ୟାରେ ଗ୍ଲାସ୍ ଧରି ରଖିଥିବାରୁ ବେଶ୍ ଖୁସି ଅଛନ୍ତି।






## ଶିଶୁ ଦିବସ

ଶିଶୁ ଦିବସ ପାଳିବା ଆସ
ମନରେ ଖୁସି ଭରି
ମିଶିକି ଆମେ ଗାଇବା ଗୀତ
ଗୋଟିଏ ସ୍ୱର ଧରି।
ପାଳିବା ଆମେ ଚାଚାଜୀଙ୍କର
ଶୁଭ ଜନମ ଦିନ
ତାଙ୍କ ମମତା ମହାସାଗରେ
ହୋଇବା ଆମେ ଲୀନ।
ସବୁ ଶିଶୁଙ୍କୁ ନିଜର ଭାବି
ପାଉଥିଲେ ସେ ଭଲ
ଓଠରେ ତାଙ୍କ ହେଉଥିଲା ଯେ
ହସଟି ଝଲମଲ।
ଗୋଲାପ ଫୁଲେ ଭାରି ଶରଧା
ତାଙ୍କର ରହିଥିଲା
ପିଲାଙ୍କ ସାଥେ ମିଶୁଥିଲେ ସେ
ନିଜେ ସାଜିକି ପିଲା।
ଜନମଦିନେ ପକାଇ ମନେ
ପୂଜିବା ତାଙ୍କୁ ଆମେ
ତାଙ୍କ ସୁଗୁଣ ଆଦରି ନେଇ
ଲଗାଇବା ତ କାମେ।

**– ଜୟନ୍ତ କୁମାର ମଲ୍ଲିକ୍**
ମୋ: ୯୪୩୭୮୬୫୭୨୭

## ପୂଜ୍ୟ ଜବାହର

ଶିଶୁ ଓଠଧାରେ ମୁରୁକି ହସରେ
ତୁମେ ହେଉଥିଲ ବହୁତ ଖୁସି,
ମଜା କଥା କହି ପିଠି ଥାପୁଡ଼େଇ
ଗପୁଥିଲ ତାଙ୍କ ପାଖରେ ବସି।
ଶିଶୁଙ୍କୁ କୋଳେଇ ତାଙ୍କୁ ଆପଣେଇ
ତୁମ ସମ କେହି ଦିଶୁନି ଜଣେ,
ଶିଶୁ ରାଇଜର ଆରାଧ୍ୟ ଠାକୁର
ଚାଚା ନେହେରୁଙ୍କୁ କିଏ ନ ଜାଣେ।
ଧନ୍ୟ ଜବାହର ଦେଶ ମାତୃକାର
ନୀତି ଆଦର୍ଶର ମଣିଷଟିଏ
ଚିର ସ୍ମରଣୀୟ ଚିର ବନ୍ଦନୀୟ
ତୁମକୁ ପାସୋରି ପାରିବ କିଏ।

**–ବସନ୍ତ ଦାସ,** ଭୁବନେଶ୍ୱର
ମୋ : ୯୪୩୭୫୯୭୮୯୬

## ଫୁଲପରି ତାଙ୍କ ମନ

ମଣିଷ ରୂପରେ ଜନମିଥିଲେ ତ
ଶାନ୍ତି ଦେବଦୂତ ହେଇ
ଅହିଂସା ବଳରେ ଲଢ଼େଇ କରି ସେ
ସ୍ୱାଧୀନତା ଗଲେ ଦେଇ।
ନିଜଦୁଃଖ ଭୁଲି ଗରବରେ ଫୁଲି
ଥିଲେ ସଦା ହସ ହସ
ଦେଶ ସେବାକରି ସୁଗୁଣ ବଳରେ
ଅରଜିଲେ ଟେକ ଯଶ।
ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ସେ
ଚାଚା ଜବାହର ଆମ
ଗରିବ ଲୋକଙ୍କୁ କରି ଥଇଥାନ
ରଖିଗଲେ ତାଙ୍କ ନାମ।
ଆଜି ଆମେ କଢ଼ି ଫୁଲଟିଏ ହେଇ
ଫୁଟିବା ଦୁନିଆ କୋଳେ
ରଖିଯିବା ଟେକ ଯଶ ଗଉରବ
ତାଙ୍କରି ଆଶିଷ ବଳେ।

**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୨୨୧୯୦

## ଦୀପାବଳି

ହେମନ୍ତ ଓଠରେ ଚହଟିଲା ହସ
ବିଜେ ହେଲେ ମାଆ କାଳୀ
ବାଣ ଦୋକାନରେ ଲାଗିଲା ଗହଳି
ଆସିଗଲା ଦୀପାବଳି।
ଅନ୍ଧାର ସାଥିରେ ଆଲୋକଟା ମିଳି
ଖେଳିଲା ତ ଲୁଚକାଳି
ଆତସବାଜିର ଆକ୍ରମଣରେ ଯେ
ପୋକ ସେନା ଗଲେ ଟଳି।
ବଡ଼ବଡୁଆ ତ ଆଶିଷ ଝରାଇ
ପିତୃଲୋକେ ଗଲେ ଚଳି
ତାଙ୍କରି ସ୍ମୃତିରେ କାଉଁରିଆ କାଠି
ସବୁଠି ଉଠିଲା ଜଳି।
ଏଇ ଦୀପାବଳି ମଇତ୍ରୀ ପରବ
ପାଳିବାରେ ଆସ ମିଳି
ଦୁନିଆର ସୁଖ ସମୃଦ୍ଧି ନିମନ୍ତେ
କରିବା ମା' ପାଶେ ଅଳି।
ତା' ପାଦେ ଭକତି ଢାଳି
ହୋଇ ଆମେ କୋଳାକୋଳି
ଆସ ଆସ ସାଥୀ ଗାଇଯିବା ଆମେ
ଜୟ ଜୟ ମହା କାଳୀ।

**– ପ୍ରଦୀପ୍ତ କୁମାର ଦାସ**
କଣ୍ଟାବଣିଆ, ଛତ୍ରପଡ଼ା, ଯାଜପୁର
ମୋ: ୮୫୯୪୮୮୫୮୯୮

## ଏଥର‌ର

- ତୁର୍କୀର ଜାତୀୟ ଖେଳ ?
- ହକି କେଉଁ ଦେଶର ଜାତୀୟ ଖେଳ ?
- କେଉଁ ମସିହାରୁ ଫୁଟବଲ୍ ଖେଳକୁ ଅଲିମ୍ପିକ୍‌ରେ ସ୍ଥାନ ମିଳିଥିଲା ?
- ଇଡେନ୍ ଗାର୍ଡେନ କ୍ରିକେଟ୍ ଷ୍ଟାଡିୟମ୍ କେଉଁଠାରେ ଅବସ୍ଥିତ ?
- ଖୋ ଖୋ ଖେଳରେ ଗୋଟିଏ ଦଳରେ କେତେଜଣ ଖେଳାଳି ରହନ୍ତି ?

ଉ ତ ର

## ଗତଥରର

- ୧୯୭୩
- ନିକୋଲାସ୍ କୋପରନିକସ୍
- ସ୍ୱିଡେନ୍
- ଆଫ୍ରିକା
- ମୟୂରଭଞ୍ଜ

## କହିଲ ଦେଖି

ଆଲୋକ ପରବ ନାମ ତାହାର
କାର୍ତ୍ତିକ ମାସରେ ହୁଏ ବାହାର
ଚାରି ଅକ୍ଷରରେ କରଇ ଗତି
କୁହ କୁହ ପିଲେ ଦେଇଣ ମତି।



**ଉତ୍ତର – ଦୀପାବଳି**

ମର୍ଯ୍ୟାଦା ପୁରୁଷ ନାମକୁ ପାଇ
ପିତାଙ୍କ ସତ୍ୟକୁ ପାଳିଲେ ରହି
ଏଦିନ ରାଜ୍ୟକୁ ଆସିଲେ ଭାଇ
କହିଲେ ଜାଣିବି ଚତୁର ସେହି।



**ଉତ୍ତର – ଶ୍ରୀରାମ**

ପିତୃ ପୁରୁଷଙ୍କ ଶ୍ରାଦ୍ଧ ହୁଅଇ
ତାଙ୍କ ପାଇଁ ଅଗ୍ନି କାଠି ଦେଖାଇ
ଏହି ପରବରେ ସେ ଦରକାର
କିଏ ସେ କହିବ ନାମ ତାହାର।



**ଉତ୍ତର – କାଉଁରିଆ କାଠି**

ଦୁଇ ଅକ୍ଷରରେ ନାମ ତାହାର
ତାହାରି ଶବଦେ କମ୍ପଇ ପୁର
ଲୋକଙ୍କର ପ୍ରାୟ ଭୟ ରୁହଇ
ଦିଅ ଦିଅ ତା'ର ନାମ ବତାଇ।




**ଉତ୍ତର – ବାଣ**

**–ସୁନୀଲ କୁମାର ପ୍ରଧାନ**
ଖଟିପଦର, ପାଲୁର, ଗଞ୍ଜାମ
ମୋ: ୭୬୦୯୯୩୪୩୬୬

# ଉଡାଜାହାଜର ଗାଁ

'ଉଡାଜାହାଜର ଗାଁ'–ଏହା ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ଏପରି କ'ଣ ଗାଁ ଅଛି ଯାହା ଉଡାଜାହାଜ ପାଇଁ ପ୍ରସିଦ୍ଧ। ହଁ, ଆମେରିକାର କାଲିଫର୍ନିଆରେ ଏପରି ଏକ ଅଞ୍ଚଳ ରହିଛି, ଯାହା 'କାମେରନ୍ ଏୟାର ପାର୍କ' ଭାବରେ ପରିଚିତ। ଏଠାରେ କାର୍ ରଖିବାକୁ ନୁହେଁ, ପ୍ରତି ଘର କଡରେ ଉଡାଜାହାଜ ରଖିବାକୁ ବେସ୍ ନିର୍ମାଣ କରାଯାଇଛି। ଏହି ଗାଁର ଆଉ ଏକ ବିଶେଷତ୍ୱ ରହିଛି। ଏଠାରେ ରହୁଥିବା ଲୋକମାନେ କାର୍‌ରେ ମାର୍କେଟିଂ ପାଇଁ ଯାଆନ୍ତି ନାହିଁ । ଏଥିପାଇଁ ସେମାନେ ଉଡାଜାହାଜ ବ୍ୟବହାର କରନ୍ତି। ତା' ସହ ଏହି ଗାଁ ଭିତରେ ଥିବା ରାସ୍ତାଗୁଡ଼ିକୁ ଏଭଳି ନିର୍ମାଣ କରାଯାଇଛି, ଯେକୌଣସି ସ୍ଥାନରେ ଅନାୟାସରେ ଉଡାଜାହାଜ ଲ୍ୟାଣ୍ଡ କରିପାରିବ। ଏହି ଗାଁର ପ୍ରତ୍ୟେକ ଘରେ ଜଣେ କିମ୍ବା ଦୁଇ ଜଣ ପାଇଲଟ୍‌ଙ୍କୁ ଦେଖିବାକୁ ମିଳିଥାଏ। ଏଠାରେ ବୁଲିବାର ମଜା ନେବାକୁ ଅନ୍ୟ ସ୍ଥାନରୁ ପର୍ଯ୍ୟଟକଙ୍କ ସମାଗମ ବର୍ଷ ତମାମ ଲାଗି ରହିଥାଏ। କାମେରନ୍ ଏୟାର ପାର୍କରେ ମୋଟ ୧୨୪ଟି ଘର ରହିଛି।




# ଆକାଶରେ ଧଳାଧୂଆଁ



ପିଲାଏ, ତୁମେମାନେ ବେଳେବେଳେ ଆକାଶରେ ଏକ ଲମ୍ବା ଧଳାରଙ୍ଗର ଧୂଆଁ ଆଗକୁ ମାଡି ଚାଲିଥିବାର ଦେଖିଥିବ। ଏହି ସମୟରେ ମନରେ ନିଶ୍ଚୟ ପ୍ରଶ୍ନ ଆସୁଥିବ ନୀଳ ଆକାଶରେ ଏଭଳି ଧଳାଧୂଆଁ କେଉଁଠୁ ଆସିଲା ? ଏହା ପଛରେ ଏକ ରୋଚକ କଥା ଲୁଚି ରହିଛି। ତୁମେମାନେ ତ ଜାଣିଛ, ଆକାଶରେ ଉଡାଜାହାଜ ଚଳାଚଳ କରିଥାଏ। ତା'ସହ ଜେଟ୍ ବିମାନ ମଧ୍ୟ ଯାଇଥାଏ। ତେବେ ଏଥିରୁ ନିର୍ଗତ ଧୂଆଁର ରଙ୍ଗ ଧଳା। ଏହା ପଛରେ ବିଜ୍ଞାନ ସମ୍ମତ କାରଣ ମଧ୍ୟ ରହିଛି। ଏହି ଧୂଆଁକୁ ବିଜ୍ଞାନ ଭାଷାରେ 'କଣ୍ଟ୍ରେଲ୍ସ' କୁହାଯାଏ। ଆକାଶରେ ଯେତେବେଳେ ଶୂନ୍ୟ ଡିଗ୍ରୀ ତାପମାତ୍ରାର ଆଠ କି.ମି. ଉପରେ ଉଡାଜାହାଜ ଉଡେ ସେତେବେଳେ ଅତି ଥଣ୍ଡା ଜଳବାୟୁ ସଂସ୍ପର୍ଶରେ ଆସି ବିମାନରୁ ନିର୍ଗତ ହେଉଥିବା ଧୂଆଁ ଧଳା ରଙ୍ଗରେ ପରିଣତ ହୋଇଯାଏ। କିଛି ସମୟ ପରେ ଏହି ଧୂଆଁ ଆକାଶରେ ମିଶି ଯାଇଥାଏ। କେହି କେହି ଏହି ଧୂଆଁକୁ ଧଳା ବାଦଲର ଅଂଶ ବୋଲି ଭାବିଥାଆନ୍ତି। ହେଲେ ଅତ୍ୟଧିକ ଥଣ୍ଡା ବାୟୁମଣ୍ଡଳରେ ବିମାନର ଧୂଆଁ ଧଳା ରଙ୍ଗ ଧାରଣ କରିଥାଏ।



# ଏକ କିଗ୍ରା ଆଳୁର ଦାମ୍ ୫୦,୦୦୦




ଏକ କି.ଗ୍ରା ଆଳୁର ଦାମ୍ କ'ଣ ୫୦,୦୦୦ ଟଙ୍କା ହୋଇପାରେ ? ବିଶ୍ୱାସ ନ ହେଲେ ମଧ୍ୟ ଏକଥା ସତ। ଏହାକୁ ବିଶ୍ୱର ସବୁଠାରୁ ଦାମୀ ଆଳୁ ଭାବରେ ଗ୍ରହଣ କରାଯାଇଛି। ଏଭଳି ଆଳୁର ନାମ ହେଲା 'ଲେ ବୋନେଟ୍'। ଏହାକୁ କିଣିବାକୁ ଜଣକୁ ପାଖାପାଖି ୫୦,୦୦୦ ଟଙ୍କା ଦେବାକୁ ପଡିଥାଏ। ହେଲେ ଏହି ଆଳୁର ବିଶେଷତ୍ୱ ମଧ୍ୟ ସେଭଳି ରହିଛି। ଅନେକ ଦେଶର ଧନୀ ବ୍ୟକ୍ତିମାନେ ଏଭଳି ଆଳୁକୁ ସେମାନଙ୍କର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିଥାଆନ୍ତି। କେବଳ ଫ୍ରାନ୍ସର 'ଇଲେ ଡେ ନର୍ମୋଟିଅର (Ile de Normotier) ଦ୍ୱୀପରେ ଏହି ଦାମୀ ଆଳୁ ଅଧିକ ଉତ୍ପାଦିତ ହୋଇଥାଏ। ତେଣୁ ଚାହିଦା ଦୃଷ୍ଟିରୁ ତାହାର ମୂଲ୍ୟ ମଧ୍ୟ ଆବଶ୍ୟକତାଠାରୁ ଅଧିକ ରହିଥାଏ। ଏହି ଆଳୁରେ ଲେମ୍ବୁ, ଲୁଣ ଏବଂ ଅଖରୋଟର ମିଶ୍ରିତ ସ୍ୱାଦ ଭରି ରହିଛି। ଏଭଳି ସ୍ୱାଦିଷ୍ଟ ଆଳୁକୁ ସାଲାଡ୍, ପ୍ୟୁରି, ସୁପ୍ ଏପରିକି କ୍ରିମ୍ ପାଇଁ ବ୍ୟବହାର କରାଯାଇଥାଏ।


ଏହି ଆଳୁରେ ମଧ୍ୟ ସିଙ୍ଗଡା ପ୍ରସ୍ତୁତ କରାଯାଇପାରିବ।

# ବୃହତ୍ତମ ଅଣ୍ଡରୱାଟର୍ ଟେଲିସ୍କୋପ୍

ଆଜିକାଲି କେବଳ ସ୍ଥଳ କିମ୍ବା ଆକାଶ ନୁହେଁ, ଜଳ ଭିତରେ କ'ଣ ରହିଛି ସେ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ବିଭିନ୍ନ ଦେଶର ବୈଜ୍ଞାନିକମାନେ ଚେଷ୍ଟା ଜାରି ରଖିଛନ୍ତି। ଏ କ୍ଷେତ୍ରରେ ଆଉ ପାଦେ ଆଗେଇଛି ଚାଇନା। ଅତ୍ୟାଧୁନିକ କାରିଗରି ବିଦ୍ୟାରେ ଏହି ଦେଶ ପୃଥିବୀର ଅନ୍ୟତମ ଅଗ୍ରଣୀ ତଥା ସଫଳ ଦେଶ ଭାବରେ ପରିଗଣିତ। ଚାଇନାର ବୈଜ୍ଞାନିକମାନେ ଏବେ ପାଣି ଭିତରେ ଏକ ଟେଲିସ୍କୋପ ନିର୍ମାଣ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଛନ୍ତି। ଘୋଷ୍ଟ ପାର୍ଟିକିଲ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ସେମାନେ ଏଭଳି ପ୍ରୟାସ କରିଛନ୍ତି। ପାଣି ଭିତରେ ପ୍ରାୟ ୧୧,୫୦୦ ଫୁଟ ଭିତରେ ଏଭଳି ଏକ 'ଅଣ୍ଡରୱାଟର ଟେଲିସ୍କୋପ' ନିର୍ମାଣ କରାଯାଉଛି। ଏହାକୁ ବିଶ୍ୱର ସବୁଠାରୁ ବୃହତ୍ତମ ଅଣ୍ଡରୱାଟର ଟେଲିସ୍କୋପ ଭାବରେ ଗଣନା କରାଯାଉଛି। ଏହି ଟେଲିସ୍କୋପରେ ୨୪,୦୦୦ରୁ ଅଧିକ ଅପ୍ଟିକଲ ସେନସର ଲଗାଯିବ। ତା'ସହ ଏହାର ୧୨୧୧ଟି ଷ୍ଟ୍ରିଙ୍ଗସ ରହିବ। ଉଚ୍ଚ ଶକ୍ତିସମ୍ପନ୍ନ ଏହି ଟେଲିସ୍କୋପ୍ ପ୍ରାୟ ୭.୫ କ୍ୟୁବିକ୍ କିମି ଅଞ୍ଚଳରୁ ନ୍ୟୁଟ୍ରନ ସନ୍ଧାନ କରିପାରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ରଣନୀତି ପ୍ରସ୍ତୁତି କାମ ଚାଲିଛି। ଉକ୍ତ ଟେଲିସ୍କୋପ୍‌ର ନିର୍ମାଣ କାର୍ଯ୍ୟ ୨୦୨୬ରେ ଆରମ୍ଭ ହୋଇ ୨୦୩୦ରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଯଦି ଏହା ସଫଳ ହୁଏ ତେବେ ଚାଇନା କାରିଗରି ବିଦ୍ୟାରେ ଆଉ ଏକ ସ୍ମରଣୀୟ ସଫଳତା ହାସଲ କରିବ।



# ଆଇନା



ମିଠିରାଣୀ ସାହୁ
୫ ବର୍ଷ / ଗଞ୍ଜାମ



ଅଶ୍ୱିନୀ ଜେନା
୬ ବର୍ଷ / କଟକ